# ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ, କୋଟପାଡ (ବିଜ୍ଞାପନ)

ଏତଦ୍ଦ୍ବାରା କୋଟପାଡ ବିଜ୍ଞାପିତ ଅଂଚଳ ପରିଷଦର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ପରିଷଦ ଅଧିନସ୍ଥ ବାସୁଗୁଡା ସ୍ଥିତ ନୂତନ ନିର୍ମିତ ଆମୀଷ ବଜାର ସ୍ଥଳ ଭଡା ମହାସୂଲକୁ ଆର୍ଥିକ ବର୍ଷ ୨୦୨୫-୨୦୨୬ ଠାରୁ ୨୦୨୯-୨୦୩୦ ପାଇଁ ଚଳିତ ମାସ ଆସନ୍ତା ତା.**୧୮.୦୮.୨୦୨୫** ରିଖ ଠାରୁ ତା.**୨୪.୦୮.୨୦୨୫** ରିଖ ପୂର୍ବାହ୍ନ **୧୧** ଘଣ୍ଟିକା ଠାରୁ ଅପରାହ୍ନ ୫ ଘଣ୍ଟିକା ପର୍ଯ୍ୟନ୍ତ ନିଲାମ ଟେଣ୍ଡର ପେପର ପରିଷଦ କାର୍ଯାଳୟରେ ଉପଲବ୍ଧ ହେବ । ନିଲାମ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଟେଣ୍ଡର ପେପର କ୍ରୟ କରି ତା **୨୪.୦୮.୨୦୨୫** ରିଖ ଅପରାହ୍ନ ୫ ଘଣ୍ଟିକା ସୁଦ୍ଧା ଟେଣ୍ଡର ପେପର ସହିତ ଟେଣ୍ଡର ବକ୍ସରେ ଆବେଦନ କରିବେ । ଏବଂ ତା.**୨୫.୦୮.୨୦୨୫** ରିଖ ପୂର୍ବାହ୍ନ ୧୧ ଘଣ୍ଟିକା ସମୟରେ ଉକ୍ତ ଟେଣ୍ଡର ବକ୍ସଟି ଖୋଲାଯିବ ।

**ସର୍ତ୍ତାବଳୀ –**

୧) ନିଲାମ ଟେଣ୍ଡରରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ୫୦୦.୦୦ ( ପାଞ୍ଚ ଶହ ) ଟଙ୍କା ଦସ୍ତାବିଜ ଖର୍ଚ୍ଚ ବାବଦକୁ Non-Refundable amount ଜମା କରିବେ ଓ ପେପର କ୍ରୟ କରିବେ ।

୨) ଯେଉଁ ବ୍ୟକ୍ତି କିମ୍ବା ତାଙ୍କ ସମ୍ପର୍କୀୟ ମାନେ ଏହି ପରିଷଦର ଯେକୌଣସି ବକେୟା ରଖିଥିବେ, ସେମାନେ ନିଲାମ ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ ନାହିଁ ଏବଂ ସଂପୃକ୍ତ ଟିକସ୍ ଆଦାୟକାରୀଙ୍କ ଠାରୁ Clearance ସାର୍ଟିଫିକେଟ ଆଣିବେ ।

୩) ପ୍ରକାଶ ଥାଉକି ନିଲାମ ଟେଣ୍ଡର ପ୍ରକ୍ରିୟାରେ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଜ ନାମରେ ଥିବା ଘରବାରୀ, ଭୂମିହୀନ ପ୍ରମାଣ ପତ୍ର କିମ୍ବା ଜମି ପଟ୍ଟା ଏବଂ ଉକ୍ତ ଚଳିତ ତହସିଲଭୁକ୍ତ ରସିଦ୍ ଏବଂ ପରିଷଦର ଚଳିତ ବର୍ଷର Holding Tax ର ରସିଦ ଏବଂ ୨୦,୦୦୦.୦୦ ( କୋଡିଏ ହଜାର ଟଙ୍କା) ଅମାନତ ରାଶିର ରସିଦ ସଂଲଗ୍ନ କରି ନିମ୍ନ ସ୍ବାକ୍ଷରକାରୀଙ୍କ ନିକଟରେ ନିଲାମ ଟେଣ୍ଡର ବକ୍ସରେ ଜମାକରିପାରିବେ ।

୪) ନିଲାମ ଟେଣ୍ଡରରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି **ବାସୁଗୁଡା ସ୍ଥିତ ନୂତନ ନିର୍ମିତ ଆମୀଷ ବଜାର ସ୍ଥଳ ଭଡା ମହାସୂଲକୁ** ଲାଗି ଟ.୨୦,୦୦୦.୦୦ ଙ୍କା (କୋଡିଏ ହଜାର ଟଙ୍କା) ମାତ୍ର ଅମାନତ ଜମା D.D (Demand Draft) ଦେବେ ଏବଂ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପୂର୍ବରୁ ନିଲାମଦାର ତାଙ୍କ ଜମି ପଟ୍ଟା ଦାଖଲ କରିବା ସହ ଏବଂ ଆବଶ୍ୟକ ସ୍ଥଳରେ Power of Attorney ର ପ୍ରମାଣ ପତ୍ର ଦାଖଲ କରିବେ ।

୫) **ଆମୀଷ ବଜାର ସ୍ଥଳ ଭଡା** ମହାସୁଲର ସର୍ବୋଚ୍ଚ ନିଲାମ ଦରର ସମୁଦାୟ ଟଙ୍କା ନିଲାମ ଟେଣ୍ଡର ପ୍ରକ୍ରିୟା ସମସ୍ତ ନିଲାମ ଧନ ଏକକାଳୀନ ପୈଠ କରିବେ ଏବଂ ତାଙ୍କ ନାମରେ ଏଗ୍ରୀମେଣ୍ଟ କରାଇବେ, ଏଥିରେ କୌଣସି ବ୍ୟତିକ୍ରମ କଲେ, ଉକ୍ତ ନିଲାମଧାରୀଙ୍କୁ ନିଲାମରୁ ରଦ୍ଦ କରାଯାଇ, ତାଙ୍କର ଜମା କରିଥିବା D.D (Demand Draft) ଫେରସ୍ତ ଦିଆଯିବ ନାହିଁ ଏବଂ ପରିଷଦ ଦ୍ବାରା ମନୋନୀତ ହୋଇଥିବା ସର୍ବୋଚ୍ଚ ଦ୍ବିତୀୟ ନିଲାମଧାରୀଙ୍କ ନାମରେ ସମୁଦାୟ ଟଙ୍କା ଆଦାୟ କରି ଏଗ୍ରୀମେଣ୍ଟ ଦ୍ବାରା ସର୍ବୋଚ୍ଚ ନିଲାମଧାରୀ ଭାବେ ଘୋଷିତ ହେବ, ଏଥିରେ ପରିଷଦ ଦାୟୀ ରହିବ ନାହିଁ ।

୬) ନିଲାମ ଟେଣ୍ଡରରେ ସର୍ବୋଚ୍ଚ ନିଲାମଧାରୀ ତା.୨୬.୦୮.୨୦୨୫ ରିଖ ଠାରୁ ଆସନ୍ତା ଆର୍ଥିକ ବର୍ଷ ୩୧.୦୭.୨୦୨୮ ପର୍ଯ୍ୟନ୍ତ ନିଲାମ ନେଇଥିବା **ଆମୀଷ ବଜାର ସ୍ଥଳ ଭଡା** ମହାସୁଲ ଆଦାୟ କରିପାରିବେ ।

୭) ନିଲାମ ଗ୍ରହଣକାରୀ ମହାସୁଲ ରେ ନିଯୁକ୍ତ ହୋଇଥିବା ବ୍ୟକ୍ତିଙ୍କ ନାମ ସହ ସେମାନଙ୍କ ଫୋଟ ନିମ୍ନ ସ୍ବାକ୍ଷରକାରୀଙ୍କ ଠାରେ ଦାଖଲ କରିବେ ।

୮) ନିଲାମ ଗ୍ରହଣକାରୀ ତାଙ୍କ ନିଜ ଖର୍ଚ୍ଚରେ Non Judicial Stamp Paper ରେ ଗୋଟିଏ ଚୁକ୍ତିନାମା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ସମ୍ପାଦନ କରିବେ । ଯେ କୌଣସି ସମୟରେ ନିମ୍ନ ସ୍ବାକ୍ଷରକାରୀ କିମ୍ବା ଭାରପ୍ରାପ୍ତ ଅଧିକାରୀ ମହାସୁଲ ଆଦାୟ ତନଖି କରିପାରିବେ ।

୯) କର୍ତ୍ତୃପକ୍ଷ ସର୍ବୋଚ୍ଚ ନିଲାମ ଟେଣ୍ଡରଧାରୀଙ୍କୁ ଗ୍ରହଣ କରିବାକୁ ବାଧ ନୁହଁନ୍ତି ଏବଂ ଏଥି ପାଇଁ କୌଣସି କାରଣ ଦର୍ଶାଇବାକୁ ମଧ ବାଧ ନୁହଁନ୍ତି ।

**ସର୍ବନିମ୍ନ ଡାକଦର ବାର୍ଷିକ ୧,୩୦,୦୦୦/- (ଏକ ଲକ୍ଷ ତିରିଶି ହଜାର ଟଙ୍କା )**

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଂଚଳ ପରିଷଦ, କୋଟପାଡ

**ଜ୍ଞାପକ ସଂଖ୍ୟା ୧୬୪୩/୨୦୨୫**

ତା. ୧୮.୮. ୨୦୨୫

ଏହାର **ନକଲ** ଡାକବାଜି ଯନ୍ତ୍ର ଦ୍ବାରା ସର୍ବ ସାଧାରଣଙ୍କ ଗୋଚରାର୍ଥେ ଜଣେଇ ଦିଆଗଲା ଏବଂ ପରିଷଦ କାର୍ଯ୍ୟାଳୟ / ତହସିଲ କାର୍ଯ୍ୟାଳୟ / ପଞ୍ଚାୟତ ସମିତି କାର୍ଯ୍ୟାଳୟ କୋଟପାଡଙ୍କ ବିଜ୍ଞାପନ ଫଳକରେ ଏବଂ ସହରର ଛକ ଜାଗାମାନଙ୍କରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଟଙ୍ଗାଇ ଦିଆଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଂଚଳ ପରିଷଦ, କୋଟପାଡ